# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**6 July - 2024**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ଚାରିଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

— ଆସନ୍ତାକାଲି ଘୋଷଯାତ୍ରାରେ ପୁରୀରେ ଶ୍ରୀଜୀଉଙ୍କୁ କରିବେ ଦର୍ଶନ

- ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଚଳିତ ମାସ ୨୨ ତାରିଖରୁ ହେବ ଆରମ୍ଭ

— ଚଳିତ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ୨୫ ତାରିଖରେ ହେବ ଉପସ୍ଥାପନ

- ପିଏମ୍ କିଷାନ୍ ଯୋଜନାରେ ରାଜ୍ୟର ଯୋଗ୍ୟ ହିତାଧିକାରୀ ଚାଷୀମାନଙ୍କୁ ସାମିଲ କରିବା ପାଇଁ ସରକାର ନିୟମ ପ୍ରସ୍ତୁତ କରୁଛନ୍ତି, କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ଆସନ୍ତାକାଲି ପବିତ୍ର ରଥଯାତ୍ରା ପାଇଁ ସିଂହଦ୍ୱାର ସମ୍ମୁଖରେ ତିନିରଥ

— ରତ୍ନ ଭଣ୍ଡାର ଖୋଲିବା ନେଇ ଆସନ୍ତା ବୁଧବାର ଦିନ ହେବ ନିଷ୍ପତ୍ତି

## ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ବରିଷ୍ଠ ଅଧିକାରୀମାନେ ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ଭୁବନେଶ୍ୱର ଜୟଦେବ ଭବନରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀରେ ରାଷ୍ଟ୍ରପତି ଯୋଗ ଦେଇଛନ୍ତି । ରାଷ୍ଟ୍ରପତି ଆଜି ରାଜଭବନରେ ରାତ୍ରୀଯାପନ କରିବେ । ଆସନ୍ତାକାଲି ପୁରୀରେ ଶ୍ରୀଜୀଉମାନଙ୍କର ରଥଯାତ୍ରାରେ ସାମିଲ ହେବେ । ଆସନ୍ତା ମଙ୍ଗଳବାର ୮ ତାରିଖ ଦିନ ରାଷ୍ଟ୍ରପତି ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ପରିଦର୍ଶନ ସହ ବିଭୂତି କାନୁନଗୋ କଳା ଓ ହସ୍ତଶିଳ୍ପ ମହାବିଦ୍ୟାଳୟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରିବେ । ଭୁବନେଶ୍ୱର ଉପକଣ୍ଠ ହରିଡ଼ାମଡା ଗାଁରେ ବ୍ରହ୍ମ କୁମାରୀ ପକ୍ଷରୁ ନିର୍ମିତ ଦିବ୍ୟ ରିଟ୍ରିଟ୍ କେନ୍ଦ୍ରକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଓଡିଶା ଗସ୍ତର ଶେଷ ଦିନ ୯ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରର ନାଇଜର'ର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଯୋଗଦେବେ ।

## ବଜେଟ୍ ଅଧିବେଶନ-କେନ୍ଦ୍ର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଆସନ୍ତା ୨୩ ତାରିଖ ଦିନ ସଂସଦରେ ଉପସ୍ଥାପନ କରିବେ । ବଜେଟ୍ ଅଧିବେଶନର

ଦ୍ୱିତୀୟ ପର୍ଯ୍ୟାୟ ଚଳିତ ମାସ ୨୨ ତାରିଖରୁ ଆସନ୍ତାମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

ସୂଚନାଯୋଗ୍ୟ, ପୂର୍ବରୁ କେନ୍ଦ୍ର ସରକାର ସଂସଦରେ ଗତ ଫେବୃୟାରୀ ମାସରେ ଚଳିତ ଆର୍ଥିକବର୍ଷ ପାଇଁ କାମଚଳା ବଜେଟ୍ ଉପସ୍ଥାପନ କରିଥିଲେ।

## ମୁଖ୍ୟମନ୍ତ୍ରୀ-କୃଷକ ସଂଗଠନ

କୃଷକମାନଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ କୃଷକ ସଂଗଠନମାନଙ୍କ ସହିତ ଆଲୋଚନା କରି କେତେକ ନିଷ୍ପତ୍ତି ନେଇଛନ୍ତି। ପିଏମ୍-କିଷାନ୍ ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମିଲ କରିବା ପାଇଁ ସରକାର ସମସ୍ତ ପ୍ରକାରର ଆବଶ୍ୟକୀୟ ବ୍ୟବସ୍ଥା ଏବଂ ନିୟମ ପ୍ରସ୍ତୁତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶୀତଳଭଣ୍ଡାର ପ୍ରତିଷ୍ଠା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୫୮ଟି ସବ୍‌ଡିଭିଜନ୍‌ରେ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି।

## - V/O -

ରାଜ୍ୟ ସରକାର ସମୃଦ୍ଧ କୃଷକ ନୀତି ପ୍ରସ୍ତୁତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚାଷୀମାନଙ୍କୁ ଚାଷ ଆରମ୍ଭରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତି ପଦକ୍ଷେପରେ ସହଯୋଗ ଓ ସହାୟତା ଯୋଗାଇ ଦିଆଯିବ। ଆଲୋଚନା

ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପସ୍ଥିତ ଥିଲେ ।

## ରଥଯାତ୍ରା-ରାଷ୍ଟ୍ରପତି

ପବିତ୍ର ଘୋଷଯାତ୍ରାରେ ଆସନ୍ତାକାଲି ଚତୁର୍ଦ୍ଧା ବିଗ୍ରହ ରଥାରୂଢ଼ ହେବେ । ଚଳିତବର୍ଷ ରଥଯାତ୍ରା ଦିନ ଏକାସଂଗରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ଶ୍ରୀଗୁଣ୍ଡିଚା ଯାତ୍ରାର ନୀତିକାନ୍ତି ଅନୁଷ୍ଠିତ ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ଅନୁଯାୟୀ ରାତ୍ର ୨ଟାରୁ ଦ୍ୱାର ଫିଟାଯିଟାଯାଇ ନୀତିକାନ୍ତି ଆରମ୍ଭ ହେବ। ମହାପ୍ରଭୁଙ୍କର ପହଣ୍ଡି ବିଜେ ଦିନ ଗୋଟାଏରେ ଆରମ୍ଭ କରିବା ପାଇଁ ଶ୍ରୀମନ୍ଦି ପ୍ରଶାସନ ପକ୍ଷରୁ  ଲକ୍ଷ୍ୟ ରଖାଯାଇଛି। ଅପରାହ୍ଣ ୫ଟା ସୁଦ୍ଧା ରଥଟଣା ହେବ। ପଟିଦିଅଁଙ୍କଠାରୁ ଗତକାଲି ଆଜ୍ଞାମାଳ ବିଜେ କରାଯାଇ ୩ ରଥକୁ ରଥଖଳାର ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଛି। ରାଷ୍ଟ୍ରପତି ଆସନ୍ତାକାଲି ରଥାରୂଢ଼ ବିଗ୍ରହଙ୍କୁ ଦର୍ଶନ କରିବା ସହିତ ଦେବୀ ସୁଭଦ୍ରାଙ୍କ ରଥ ଟାଣିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ରତ୍ନଭଣ୍ଡାର ବୈଠକ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ନେଇ ଆଜି ପୁରୀଠାରେ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧକ୍ଷତାରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକପରେ ସୂଚନା ଦେଇ ଜଷ୍ଟିସ୍ ରଥ କହିଛନ୍ତି, ଆସନ୍ତା ୯ ତାରିଖ ବୁଧବାର ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ କମିଟିର

ପରବର୍ତ୍ତୀ ବୈଠକ ହେବ ଏବଂ ବୈଠକରେ ରତ୍ନଭଣ୍ଡାର ଖୋଲିବା ନେଇ ନିଷ୍ପତ୍ତି ନିଆଯିବ। ସରକାରୀ ଟ୍ରେଜେରୀରେ ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ରହିଛି। ଯାଞ୍ଚ କମିଟି ସମ୍ମୁଖରେ ବୁଧବାର ଦିନ ହେବାକୁ ଥିବା ବୈଠକରେ ଚାବି ଉପସ୍ଥାପନ କରିବା ପରେ ରତ୍ନଭଣ୍ଡାର ଖୋଲିବା ନେଇ ନିଷ୍ପତ୍ତି ନିଆଯିବ। ଆବଶ୍ୟକ ସ୍ଥଳେ ଚାବି ଦ୍ୱାରା ରତ୍ନଭଣ୍ଡାରର ତାଲା ଖୋଲା ଯାଇ ନ ପାରିଲେ ତାକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଯାଞ୍ଚ କମିଟିର ଅଧ୍ୟକ୍ଷ କହିଛନ୍ତି। ରତ୍ନଭଣ୍ଡାର ଖୋଲିବା ଏବଂ ମୂଲ୍ୟବାନ ଅଳଙ୍କାରଗୁଡ଼ିକର ଗଣତି-ମଣତି ପାଇଁ ବୈଠକରେ କୌଣସି ଆଲୋଚନା ହୋଇନାହିଁ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବା ନେଇ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ୧୬ ଜଣିଆ କମିଟି ଗଠନ କରିଛନ୍ତି।

## ରଥଯାତ୍ରା-ରାଜ୍ୟପାଳ

ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ପୁରୀରେ ସମବେତ ହେଉଥିବାରୁ ଭକ୍ତମାନଙ୍କୁ ସେବା ଯୋଗାଇଦେବା ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ପୂଣ୍ୟ ଅବସର ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଆୟୋଜିତ ସେଣ୍ଟ ଜନ୍ ଆମ୍ବୁଲାନ୍ସର ୩୪ତମ ଜାତୀୟ ସେବା ଶିବିରକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଛନ୍ତି, ସେବା କ୍ଷେତ୍ରରେ ସମର୍ପିତ ହୋଇ କିପରି ସମାଜସେବା କରାଯାଏ, ଉତ୍କଳମଣି ଗୋପବନ୍ଧୁ ଦାସ ଏହାର ଜ୍ୱଳନ୍ତ ଉଦାହରଣ। ରାଜ୍ୟପାଳ ପରେ କେନ୍ଦ୍ରୀୟ ସଂସ୍କୃତ

ବିଶ୍ୱବିଦ୍ୟାଳୟଠାରେ ଭାରତ ସ୍କାଉଟ୍ସ୍ ଏବଂ ଗାଇଡ୍ସ୍ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସେବା ଶିବିରକୁ ମଧ୍ୟ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ।

ସେହିପରି ଭୁବନେଶ୍ୱରଠାରେ ଆଜି ଭାରତ ସ୍କାଉଟ୍ ଏବଂ ଗାଇଡ୍ସ୍ ସଂସ୍ଥା ଆନୁକୂଲ୍ୟରେ ରଥଯାତ୍ରା ଜାତୀୟ ସେବା ଶିବିରକୁ ମଧ୍ୟ ରାଜ୍ୟପାଳ ଉଦ୍‌ଘାଟନ କରିଛନ୍ତି।

## ବିଆଇଏସ୍- ତାଲିମ

ଗଞ୍ଜାମ ଜିଲ୍ଲା ଛତ୍ରପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭାରତୀୟ ମାନକ ବ୍ୟୁରୋ ତରଫରୁ ଏକ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଉତ୍ପାଦକ ଓ ଖାଉଟି ମଧ୍ୟରେ ସମ୍ପର୍କ, ଦ୍ରବ୍ୟ ଉତ୍ପାଦନରେ ସହାୟତା, ଦ୍ରବ୍ୟର ମାନ ଏବଂ ଗୁଣବତ୍ତା ଯାଞ୍ଚ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଭାରତୀୟ ମାନକ ବ୍ୟୁରୋ ଭୁବନେଶ୍ୱର ଶାଖାର ବୈଜ୍ଞାନିକ ଦୀପକ ପାତ୍ର ଏବଂ ରଜନୀ ପନଓ୍ୱାର ତାଲିମ ପ୍ରଦାନ କରିଥିଲେ।

## ବନ ମହୋତ୍ସବ

**ବୌଦ୍ଧ** ବନଖଣ୍ଡ ପକ୍ଷରୁ ବାମଣ୍ଡା ନର୍ସରୀଠାରେ ଜିଲ୍ଲାସ୍ତରୀୟ ବନମହୋତ୍ସବ ପାଳନ ଅବସରରେ ‘ଏକ୍ ପେଡ୍ ମା’ କେ ନାମ୍’ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଏହି କାର୍ଯ୍ୟକ୍ରମ

ଜିଲ୍ଲାବ୍ୟାପୀ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଅତିଥିମାନେ ନିଜେ ଚାରା ରୋପଣ କରିବା ସହିତ ଅନ୍ୟମାନଙ୍କୁ ନିଜ ନିଜ ଅଂଚଳରେ ନିଜ ମାଙ୍କ ନାମରେ ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ ।

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ବନବିଭାଗ ପକ୍ଷରୁ ଆଜି ଛତ୍ରପୁର ବ୍ଲକ୍ ସିନ୍ଧୁରାପାଲି ନଗର ବନ ପରିସରରେ ଜିଲ୍ଲାସ୍ତରୀୟ ୭୫ତମ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ବୃକ୍ଷରୋପଣ ଏବଂ ବନସୁରକ୍ଷା ଦିଗରେ ଭଲ କାର୍ଯ୍ୟ କରିଥିବା ୩ଟି ବନସୁରକ୍ଷା ସମିତିକୁ ୨୦ ହଜାର ଟଙ୍କା ଏବଂ ମାନପତ୍ର ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା ।

*********************************